

# ଜୀବନ କଥା

“Jibana Katha” Cuttack Centre, KFI Odia Newsletter

ଜାନୁୟାରୀ - ଏପ୍ରିଲ, ୨୦୧୪

ପରେ ପରେ...

ଶିକ୍ଷା, ଶିକ୍ଷକ ଓ ଛାତ୍ର ପୃ : ୧
କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ ପୃ : ୪
ସ୍ମୃତିରୁ କିଛି ପୃ : ୫
ଆଗାମୀ ଜୀବନ ପୃ : ୬
ନିବେଦନ ପୃ : ୬

When Krishnamurti came to India in November 1985, he was in his ninety-first year. He had returned, in the words of a friend, to say ‘goodbye'. Despite his terminal illness, he visited the Rajghat School in Varanasi, the Rishi Valley School in Andhra Pradesh, and Vasanta Vihar in Madras to give public talks and participate in the discussions with all the vigour and passionate concern of the previous sixty years of his working life. In his last talk, at Vasanta Vihar, he inquired into the origin of life and said: 'Creation is something that is most holy, that's the most sacred thing in life, and if you have made a mess of your life, change it. Change it today, not tomorrow.'

## ଶିକ୍ଷା, ଶିକ୍ଷକ ଓ ଛାତ୍ର

କାହିଁକି ସତେ ତମମାନଙ୍କୁ ଶିକ୍ଷିତ କରାଯାଉଛି ? ତମେ ନିଜେ ହେଲେ ତା' ଜାଣ କି ? ତମର ବୟସ ହେଇଗଲା ମାତ୍ରେ ତମ ବାପା ମାଆ ତମକୁ ସ୍କୁଲକୁ ପଠେଇ ଦିଅନ୍ତି । କାହିଁକି ତମମାନଙ୍କୁ ସ୍କୁଲକୁ ପଠାନ୍ତି ତା' ହୁଏତ ସେମାନେ ଜାଣୁଥିବେ, କିନ୍ତୁ କାହିଁକି ତମେ ସ୍କୁଲ ଯାଅ, ସେକଥା ତମେ ଜାଣ କି? ତମେ ଓ ତମର ବାପା ମାଆ ଏତିକି ମାତ୍ର ଜାଣିଥାନ୍ତି ଯେ ତମମାନଙ୍କୁ ଯେମିତି ହେଲେ ସ୍କୁଲ ଯିବାକୁ ହେବ ଆଉ ଶିକ୍ଷିତ ହେବାକୁ ପଡ଼ିବ ।

ଆଚ୍ଛା, ଶିକ୍ଷିତ ହେବା କହିଲେ କଅଣ ବୁଝାଏ ? ତମେ କେବେ ଏ ବିଷୟରେ ଚିନ୍ତା କରି ଦେଖିଛ କି ? ଏହାର ଅର୍ଥ କଣ ଖାଲି ଗୁଡ଼ାଏ ପରୀକ୍ଷାରେ ପାଶ୍ କରିଯିବା, ଯେପରି କି ପଛକୁ ବାହାସାହା ହେଇ, କିଛି ଗୋଟାଏ ଧନ୍ଦା ବରିନେଇ, ତେଣିକି ସେ କାମ ତମକୁ ଭଲ ଲାଗୁ କି ନ ଲାଗୁ— ସେଇଆକୁ ଧରି ବଳକା ଜୀବନ ବିତାଇବା ? ଏଇ କଣ ଶିକ୍ଷା କି ?

ତମେ ସବୁ ବିଭିନ୍ନ ସ୍କୁଲରେ ପାଠ ପଢୁଛ ଆଉ ଶିକ୍ଷିତ ହେଉଛ, ତା ମାନେ ତମେ ସବୁ ଗଣିତ, ଇତିହାସ, ଭୂଗୋଳ, ବିଜ୍ଞାନ ଆଦି ବିଷୟମାନ ଶିକ୍ଷା କରୁଛ, କିନ୍ତୁ କାହିଁକି ? କେବେ କଣ ଏଇ ଅଦ୍ଭୁତ କଥାଟି ତମ ମନକୁ ଛୁଇଁଛି ? ପଛକୁ ଯେପରି ତମେ ନିଜ ପେଟ ପୋଷି ପାରିବ, ସେଇଥିପାଇଁ କଣ କେବଳ ଏମିତି କରାଯାଉଛି ? ଏଇଆ କଣ ତେବେ ଶିକ୍ଷାର ଉଦ୍ଦେଶ୍ୟ ? ଶିକ୍ଷା କହିଲେ କଣ ଖାଲି ବୁଝାଏ ଯେ ପରୀକ୍ଷାଗୁଡ଼ାକରେ ପାଶ୍ କରିଯାଇ ନିଜ ନାଆଁ ପଛକୁ କେଇଟା ଡିଗ୍ରୀ ଆଣି ଯୋଡ଼ିବା, ଅବା ଶିକ୍ଷାଟା ଏସବୁରୁ ପୁରାପୂରି ଭିନ୍ନ କିଛି ଗୋଟାଏ ଜିନିଷ ?

ତମେ ଯଦି ତମ ଚାରିପଟକୁ ଟିକିଏ ନଜର ପକାଅ, ତେବେ ଦେଖିପାରିବ ଏ ଜଗତରେ କି ଅସମ୍ଭବ ରକମର ବିଶୃଙ୍ଖଳା ବ୍ୟାପି ରହିଛି । ତମେ କଣ ଦେଖିଛ, ଏଇ ଗରିବ ଲୋକଗୁଡ଼ା, ଯୋଉମାନଙ୍କର ମୁଠାଏ ଖାଇବାକୁ ସମ୍ବଳ ନ ଥାଏ କି ଛୁଟିଦିନ ବୋଲି କିଛି ହେଲେ ନ ଥାଏ, ନିତି ନିତି ସକାଳୁ ରାତିଯାଏ ସେମାନେ ବାଧରେ ପଡ଼ି ଖଟୁ ଥାଆନ୍ତି; ଅଥଚ ଏପଟେ ତମ ବାପ ମାଆ କେମିତି ସୌଖୀନ ମଟର ଗାଡ଼ି ଚଢ଼ି କ୍ଲବକୁ ଧାଇଁ ଥାଆନ୍ତି, ସେଠି ମଉଜ ମଜଲିସ୍ ଭିତରେ ବୁଡ଼ି ଥାଆନ୍ତି ? ଏଇ ତ ହେଲା ଜୀବନ, ନୁହେଁ କି ? ଗରିବ ଅଛନ୍ତି, ପୁଣି ଧନୀ ବି ଅଛନ୍ତି, ରୋଗୀ ଅଛନ୍ତି ପୁଣି ସୁସ୍ଥ ସବଳ ବି ଅଛନ୍ତି; ଆଉ ପୁଣି ପୃଥିବୀ ସାରା ଚାରିଆଡ଼େ ଯୁଦ୍ଧ, ଅଶାନ୍ତି ଓ ସବୁ ରକମର ଉପଦ୍ରବ ଉତ୍ତେଜନା ଲାଗି ରହିଛି । ତେଣୁ ତମେମାନେ ଏଇ ପିଲା ବୟସରୁ ଏଇ ସବୁ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବାଟା କଣ ଉଚିତ ନୁହଁ ? କିନ୍ତୁ ଦେଖ, ଏ ଜୀବନର

ବିଶାଳତାକୁ ମୁକାବିଲା କରିବା ନେଇ, ଅର୍ଥାତ୍ ଜୀବନରେ ଯେତେସବୁ ବିଚିତ୍ର ସଂଘର୍ଷ, ଦୁଃଖ ଭୋଗ, ଯାତନା ଓ ଯୁଦ୍ଧ ଆଦି ପୂରି ରହିଛି, ଏସବୁକୁ ମୁକାବିଲା କରିବା ନେଇ ତମମାନଙ୍କୁ ସ୍କୁଲରେ କିଛି ସାହାଯ୍ୟ କରାଯାଏ ନାହିଁ, ଏ ବିଷୟରେ କେହି ତମ ସାଥିରେ ଆଲୋଚନା ବି କରନ୍ତି ନାହିଁ। ସେମାନେ ଖାଲି ମୋଟାମୋଟି ଭାବରେ କଥାଟା ତମକୁ କହି ଥାଆନ୍ତି, କିନ୍ତୁ ସେତିକିରେ ତ କାମ ଚଳିବ ନାହିଁ, ଚଳିବ କି?

ଏହା ନିଶ୍ଚିତ ଯେ କେବଳ ଚାକିରୀ ଖଣ୍ଡିଏ ପାଇଁ ତମକୁ ଯୋଗ୍ୟ କରି ଗଢ଼ିବାଟା ଶିକ୍ଷାର କେବେ ଉଦ୍ଦେଶ୍ୟ ନୁହେଁ। ଶିକ୍ଷାଟା ଏପରି ଗୋଟାଏ ଜିନିଷ, ଯାହା କି ତମକୁ ଜୀବନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରାଇ ରଖିବା କଥା। ତମେ ଜଣେ କିରାନି ହେଇପାର, କିମ୍ବା ଜଣେ ରାଜ୍ୟପାଳ ହେଇ ଯାଇପାର, କି ବୈଜ୍ଞାନିକଟିଏ ହେଇ ଯାଇପାର, କିନ୍ତୁ ସେତିକି ତ କେବେ ପୂରା ଜୀବନକୁ ବୁଝାଏ ନାହିଁ।

ଜୀବନରେ ସବୁ ରକମର ଜିନିଷ ରହିଛି। ଜୀବନ ତ ଏକ ବିଶାଳ ସମୁଦ୍ର ପରି। ସମୁଦ୍ର କହିଲେ ଖାଲି ତାର ଉପରି ଭାଗରେ ଯାହା ତମେ ଦେଖ, ସେତିକି ମାତ୍ରକୁ ତ ବୁଝାଏ ନାହିଁ, ବୁଝାଏ କି? ତାହା କି ବିସ୍ମୟକର ଭାବେ ଗଭୀର ଥାଏ, ତା ଭିତରେ ପୁଣି ବିଶାଳ ସ୍ରୋତ ସବୁ ଛୁଟିଥାଏ; ସମସ୍ତ ପ୍ରକାର ଜୀବରେ ତାହା ପରିପୂର୍ଣ୍ଣ ଥାଏ; କେତେ କେତେ ରକମର ମାଛ ତା ଭିତରେ ଥାଆନ୍ତି, ପୁଣି ବଡ଼ମାନେ ଛୋଟଙ୍କୁ ଖାଇ ବଢୁଥାଆନ୍ତି। ଏ ସବୁତକ ମିଶି ହେଲା ସମୁଦ୍ର। ଜୀବନଟା ବି ଠିକ୍ ସେମିତି; ଏଥିରେ ବି ସେମିତି ଅଛି ସବୁପ୍ରକାର ଆନନ୍ଦ, ଉପଭୋଗ, ଆମୋଦ ପ୍ରମୋଦ, ଦୁଃଖ ଯନ୍ତ୍ରଣା; ପୁଣି କାହିଁ କେତେ ବିଚିତ୍ର ଉଦ୍ଭାବନ, ଧ୍ୟାନ ଧାରଣାର କେତେ କେତେ ପଦ୍ଧତି ପ୍ରଣାଳୀ, ପୁଣି ସୁଖର ସନ୍ଧାନରେ ବ୍ୟାପକ ତଲାସ। ଏଇସବୁ ମିଶି ତ ହେଲା ଜୀବନ; କିନ୍ତୁ ତମେମାନେ ଏଥିପାଇଁ ପ୍ରସ୍ତୁତ ନ ଥାଅ। ସ୍କୁଲରେ ତମମାନଙ୍କୁ ଏସବୁ ବିଷୟରେ କେହି କିଛି କହନ୍ତି ନାହିଁ। ପ୍ରତ୍ୟେକଟି ଶ୍ରେଣୀରେ ବାଳକ ବାଳିକାଙ୍କ ସଂଖ୍ୟା ବହୁତ ବେଶୀ ଥାଏ; ଆଉ ଶିକ୍ଷକ ତମମାନଙ୍କୁ ଖାଲି ପରୀକ୍ଷାରେ ପାଶ୍ କରେଇବା ନେଇ ସାହାଯ୍ୟ କରିବାରେ ମାତି ଥାଆନ୍ତି; ତମ ମନର ସଂଶୟ ତୁଟେଇବା ଲାଗି ତାଙ୍କର ଆଗ୍ରହ ନ ଥାଏ। କିନ୍ତୁ ଶିକ୍ଷାଟା ତ କଦାପି ଗୁଡ଼ାଏ ତଥ୍ୟକୁ ମନରେ ଠେସେଇ ଦବାର ଏକ ପଦ୍ଧତି ନୁହେଁ। ତମେ ଯଦି ପଢ଼ି ଜାଣିଥିବ, ତେବେ ତ ଯେକୌଣସି ଜ୍ଞାନକୋଷ ବହି ଧରି, ଯୋଉ ବିଷୟରେ ଇଚ୍ଛା ସେ ବିଷୟରେ ତଥ୍ୟସବୁ ଜାଣି ନେଇ ପାରିବ। ତେଣୁ ମୁଁ ଭାବୁଛି ଯେ ଶିକ୍ଷା ବୋଲି କହିଲେ, ଖାଲି ଗୁଡ଼ାଏ ତଥ୍ୟ ଶିକ୍ଷା କରିବା କିମ୍ବା କେତେଗୁଡ଼ିଏ ପରୀକ୍ଷା ଦେଇ ପାଶ୍ କରିଯିବାକୁ ବୁଝାଏ ନାହିଁ; ଶିକ୍ଷା ହେଲା ଏସବୁରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଏକ ଜିନିଷ।

ଦେଖ, ଆମେ ଡରୁଥିବା ପର୍ଯ୍ୟନ୍ତ ଆମେ ଶିକ୍ଷିତ ନୁହଁ। ଡରଟା ଯେ କି ଜିନିଷ ତମେ ଜାଣ କି? ତମେ ଯେ ଡରୁଛ, ସେତିକି ଜାଣିଥାଅ। ଛୁଆମାନେ ଡରନ୍ତି, ବଡ଼ମାନେ ଡରନ୍ତି, ତମେ ସମସ୍ତେ ଡର। ଆଉ ଆମେ ଡରୁଥିଲା ପର୍ଯ୍ୟନ୍ତ, ଆମେ ଶିକ୍ଷିତ ବୋଲି କି ଆମର ବୁଦ୍ଧି ଅଛି ବୋଲି କୁହାଯାଇପାରିବ ନାହିଁ। ତେଣୁ ଶିକ୍ଷା କହିଲେ, ତାହା ମନଟାକୁ ଖାଲି ତଥ୍ୟରେ ଭର୍ତ୍ତି କରି ଦେବାକୁ ବୁଝାଏ ନାହିଁ, ବରଂ ଏହା ହେଉଛି ନିର୍ଭୀକ ଭାବରେ ଏ ଜୀବନର ଅଦ୍ଭୁତ ଜଟିଳତାକୁ ବୁଝିଯିବା ଦିଗରେ ଛାତ୍ରକୁ ସାହାଯ୍ୟ କରିବା।

ତମେ ତମର ଶିକ୍ଷକମାନଙ୍କୁ ଭୟ କର; ତମ ବାପ ମାଆ, ତମ ବଡ଼ଭାଇ, ତମ ଖୁଡ଼ୀ ଦେଠେଇ ବା ଅନ୍ୟ କାହାକୁ ହେଲେ ଭୟ କରିଥାଅ, ନୁହେଁ କି? ତମକୁ ଦଣ୍ଡିବା ପାଇଁ ବଡ଼ମାନଙ୍କର କ୍ଷମତା ଥାଏ। ତମକୁ ଠେଲି ଦୂରେଇ ଦେବାକୁ ବା ତମରି ନିଜ ବଖରାଟି ଭିତରେ ଯାଇ ରହିବାକୁ କହିବା ଲାଗି ତାଙ୍କର ପୂରା ଅଧିକାର ଥାଏ; ଫଳରେ ଘରେ ଯେମିତି ସ୍କୁଲରେ ବି ସେମିତି, ସବୁବେଳେ ଡର ଭୟ ଭିତର ଦେଇ ଆମ ଜୀବନ ଗଢ଼ା ହେବାରେ ଲାଗିଥାଏ। ତେଣୁ ଛୁଆଟି ଦିନୁ ମରିବା ପର୍ଯ୍ୟନ୍ତ ଆମଠାରେ ଡର ଭୟ ଲାଗି ରହିଥାଏ। ଆଉ ଭୟଟା କଅଣ ସବୁ କରେ ତା' ତମେ ଜାଣ କି? ତମେ ଯେତେବେଳେ ଡରିଯାଅ, ସେତେବେଳେ ନିଜକୁ କେବେ ଲକ୍ଷ୍ୟ କରିଛ?— ତମ ପେଟ କେମିତି ଟାଙ୍କି ହେଇଯାଏ, ଦେହରୁ ଗୋଟା ଗୋଟା ଝାଳ ବୋହିଯାଏ, ମନରେ ଛନକା ପଶିଯାଏ, ନୁହଁକି? ଯୋଉମାନଙ୍କୁ ତମେ ଭୟ କର, ସେମାନଙ୍କ ସାଙ୍ଗରେ ରହିବାକୁ କେବେ ତମକୁ ଭଲ ଲାଗେ ନାହିଁ, ଲାଗେ କି? ଗୋଟାଏ ପଶୁକୁ ମାରି ଗୋଡ଼େଇଲା ପରି ତମେ ସେମିତି ଧାଇଁ ପଳେଇବାକୁ ଖୋଜ। ପୁଣି ସେଇ ଭୟକୁ ସାଥି କରି ଆମେ ସ୍କୁଲ, କଲେଜ ଯାଉ, ଆଉ ନିଜ ଭିତରେ ସେଇ ଭୟକୁ ରଖି ଆମେ କଲେଜ ପାଠ ସାରୁ ଓ ତା ପରେ ଜୀବନ ନାମକ ଏଇ ଯୋଉ ଅସାଧାରଣ ଜିନିଷ— ତାର ଅସୀମ ସ୍ରୋତ ଓ ବିସ୍ମୟକର ଗଭୀରତା ସମେତ— ତା'ର ସମ୍ମୁଖୀନ ହେଉ। ତେଣୁ ମୋର ମନେହୁଏ ଯେ ଆମେ ଯେପରି ଭୟରୁ ମୁକ୍ତ ରହିବା ଦିଗରେ ଶିକ୍ଷା ପାଉ, ତା'ରି ଉପରେ ଦୃଷ୍ଟି ରଖିବା ହେଲା ଶିକ୍ଷାର ସର୍ବପ୍ରଥମ ପ୍ରୟୋଜନୀୟତା; କାରଣ ଭୟ, ମନକୁ ନିସ୍ତେଜ କରି ପକାଏ; ଏହି ଭୟ ଆମର ଚିନ୍ତା ଶକ୍ତିକୁ ପଙ୍ଗୁ କରିଦିଏ; ଭୟ ଆମ ଜୀବନକୁ ଅନ୍ଧକାରମୟ କରିପକାଏ, ଆଉ ଏମିତି ଡରୁଥିବା ପର୍ଯ୍ୟନ୍ତ ଆମେ କେବେହେଲେ ନୂଆ ଜଗତଟିଏ ସର୍ଜନା କରିପାରିବା ନାହିଁ। ମୁଁ ଯାହା ସବୁ କହିଯାଉଛି, ବୁଝିପାରୁଛ ତ? ନା ଆଗରୁ କେବେ ଏସବୁ କଥା ଶୁଣି ନ ଥିଲ?

*(ଆଗମୀ ଜୀବନ)*

**ପ୍ରଶ୍ନକର୍ତ୍ତା** : ଆପଣ କହିଲେ ଯେ ବାପା ମାଆମାନେ ଯଦି ପ୍ରକୃତରେ ତାଙ୍କ ପିଲାକୁ ଭଲପାଉ ଥାଆନ୍ତି, ତେବେ ପିଲା ଯାହା କରୁ ପଛକେ ସେମାନେ ତାକୁ ସେଥିରେ ବାଧା ଦେବେ ନାହିଁ। କିନ୍ତୁ ପିଲା ଯଦି ସଫାସୁତୁରା ରହିବାକୁ ନ ଚାହେଁ, କିମ୍ବା ତାର ସ୍ୱାସ୍ଥ୍ୟ ଖରାପ ହେବାଭଳି କିଛି ଜିନିଷ ଖାଏ, ତା ହେଲେ କଣ ଆମେ ତାକୁ ସେଥିରୁ ଅଟକେଇବା ନାହିଁ?

**କୃଷ୍ଣମୂର୍ତ୍ତି** : ମୁଁ ତ କେବେ ଏ କଥା କହିଲାପରି ମନେ ହେଉନାହିଁ ଯେ, ଯଦି ବାପା ମାଆମାନେ ପ୍ରକୃତରେ ପିଲାକୁ ଭଲ ପାଉଥାନ୍ତି, ତେବେ ପିଲା ଯାହା ଯେମିତି ଚାହେଁ ତାକୁ ଠିକ୍ ସେମିତି ସବୁ କରିବାକୁ ଛାଡ଼ିଦେବେ। ମହାଶୟ, ଏଇଟା ଗୋଟାଏ ଅତି କଠିନ ପ୍ରଶ୍ନ, ନୁହେଁ କି? ମୋଟ୍ ଉପରେ ମୁଁ ଯଦି ମୋ ପୁଅକୁ ସତରେ ଭଲ ପାଉଥାଏ, ତେବେ ସେ ଯେପରି କୌଣସି କଥାକୁ ଭୟ ନ ପାଏ, ସେତକ ମୁଁ ଦେଖିବି— ଯାହା କି କାର୍ଯ୍ୟରେ ପରିଣତ କରିବା ଅସାଧାରଣ ଭାବେ କଷ୍ଟକର। ମୁଁ ଏଇଆ କହିଲି ଯେ ଭୟର ଦାଉରୁ ମୁକୁଳିବାକୁ ହେଲେ ପିଲାକୁ ଅନ୍ୟ କାହାରି ସହିତ କଦାପି ତୁଳନା କରିବ ନାହିଁ କି ତାକୁ ପରୀକ୍ଷାରେ ବସିବାକୁ ବାଧ କରିବ ନାହିଁ। ମୁଁ ଯଦି ପିଲାକୁ ଭଲ ପାଉଥାଏ, ତେବେ ମୁଁ ତାକୁ ସ୍ୱାଧୀନତା ଦେବି, ତା ମାନେ ଇଏ ନୁହଁ ଯେ ସେ ତାର ଯାହା ଖୁସି ତାହା କରିଯିବ— କାରଣ ଯାହା ତାକୁ ଭଲ ଲାଗେ, ସେଇଆକୁ କରିବାଟା ନିର୍ବୋଧତା ଛଡ଼ା ଅନ୍ୟ କିଛି ନୁହେଁ— କିନ୍ତୁ ସେ ଯୋଉ ସ୍ୱାଧୀନତା, ତା' ବଳରେ ବୁଦ୍ଧିର ବିକାଶ ଘଟିଥାଏ; ଆଉ ସେହି ବୁଦ୍ଧି ହିଁ ତାକୁ ବତେଇ ଦେବ ତାର କଅଣ କରିବା କଥା।

ବୁଦ୍ଧି ଜାଗ୍ରତ ହେବା ଲାଗି ସ୍ୱାଧୀନତାର ଆବଶ୍ୟକତା ନିଶ୍ଚିତ ରୂପେ ରହିଛି, କିନ୍ତୁ ତମକୁ ଯଦି ସଦାସର୍ବଦା କୌଣସି ଆଦର୍ଶ ପୁରୁଷ ପରି ହେବାକୁ ଉତ୍ସାହିତ କରାଯାଉଥାଏ, ତେବେ ତ ତମେ ମୁକ୍ତ ରହିପାରିବ ନାହିଁ; କାରଣ ସେତେବେଳେ ତମେ ନୁହଁ ଯେ ସେଇ ଆଦର୍ଶ ପୁରୁଷଟି ଗୁରୁତ୍ୱପୂର୍ଣ୍ଣ ଥାଏ। ପରୀକ୍ଷା ଥିଲାବେଳେ ତମର ସବୁ ପେଟ ମୋଡ଼ି ହେଲା ପରି ଲାଗେ ନାହିଁ କି? ତମକୁ ଛାନିଆ, ଛଟପଟ ଲାଗେ ନାହିଁ କି? ଯେତେବେଳେ ତମେ ବର୍ଷ ବର୍ଷ ଧରି ଏହି ପରୀକ୍ଷା ରୂପୀ କଠୋର ଅଗ୍ନିପରୀକ୍ଷାର ସମ୍ମୁଖୀନ ହୁଅ, ତା ଦ୍ୱାରା ତମର ବଳକା ଜୀବନଟା କଅଣ ହେଇଯାଏ, ତମେ ଜାଣ କି? ବଡ଼ ମଣିଷମାନେ କହନ୍ତି ଯେ ତମେ ନିର୍ଭୀକ ହେଇ ବଢ଼ିବା ଦରକାର; କିନ୍ତୁ ସେ କଥାରେ ଏତେ ଟିକିଏ ବି ମୂଲ୍ୟ ନ ଥାଏ। ସେଗୁଡ଼ା ଖାଲି କଥାର ଚାତୁରୀ ଛଡ଼ା ଅନ୍ୟ କିଛି ନୁହେଁ। କାରଣ ସେମାନେ ତମକୁ ପରୀକ୍ଷାରେ ବସେଇ ଓ ଅନ୍ୟ ପିଲାଙ୍କ ସହିତ ତୁଳନା କରାଇ ଭୟକୁ ବଢ଼େଇବାରେ ଲାଗିଥାନ୍ତି।

ଆଉ ଗୋଟିଏ ଜିନିଷକୁ ଆମର ପ୍ରକୃତରେ ଆଲୋଚନା କରିବା ଉଚିତ, ତାହା ହେଲା ନିୟମାନୁବର୍ତ୍ତିତା। କାହାକୁ ମୁଁ ନିୟମାନୁବର୍ତ୍ତିତା କହୁଛି ତମେ ଜାଣ କି? ପିଲାଟି ଦିନରୁ ତମମାନଙ୍କୁ ବତେଇ ଦିଆଯାଏ ତମେ କଅଣ କରିବ। ଆଉ ତମେ ବି ସେମିତି ଆନନ୍ଦ ମନରେ ସେତକ କରିଚାଲ। କୋଉଥିପାଇଁ ଯେ ତମେମାନେ ଭୋର୍‌ରୁ ଉଠିବା ଉଚିତ, କୋଉଥିପାଇଁ ତମର ସଫାସୁତୁରା ରହିବା କଥା— ଏସବୁ କେହି ଟିକିଏ କଷ୍ଟକରି ତମକୁ ବୁଝେଇବାକୁ ଯାଆନ୍ତି ନାହିଁ। ଏଇସବୁ ଜିନିଷ ତମମାନଙ୍କୁ ବୁଝେଇ ଦେବା ଲାଗି ତମ ବାପା ମାଆ ତଥା ଶିକ୍ଷକମାନଙ୍କର କାହାରି ହେଲେ ଆଗ୍ରହ ନ ଥାଏ, ସମୟ କି ଧୈର୍ଯ୍ୟ ବି ନ ଥାଏ। ସେମାନେ ଖାଲି କହିଦିଅନ୍ତି "ଅମୁକଟା କର, ନ ହେଲେ ଶାସ୍ତି ଦେବି"। ତେଣୁ ଆମର ଜାଣିବାରେ ଶିକ୍ଷାଟା ମନରେ କ୍ରମଶଃ ଭୟର ସଞ୍ଚାର କରେ। ଆଉ ତମଠାରେ ଭୟ ଥିବା ପର୍ଯ୍ୟନ୍ତ କେମିତି ବା ସେ ମନ ବୁଦ୍ଧିମାନ ପାଲଟି ପାରିବ? ତମ ମନରେ ଡର ଥିଲାବେଳେ, କେମିତି ଲୋକମାନଙ୍କ ପ୍ରତି ଶ୍ରଦ୍ଧା କି ଭକ୍ତି ତମଠାରେ ଆସିପାରିବ? ଯୋଉମାନଙ୍କର ଖୁବ୍ ନାଆଁ ଡାକ ଅଛି, ଚକଚକିଆ ଦାମୀ ମଟରଗାଡ଼ି ଅଛି, ସେମାନଙ୍କୁ ତମେ 'ଖାତିର ସମ୍ମାନ' ଦେଖେଇ ଥାଅ, ଅଥଚ ତମ ଚାକରଟିକୁ ତ କାହିଁ ଖାତିର ଦେଖାଅ ନାହିଁ! ତାକୁ ତ ଅସମ୍ମାନ କର। କେହି ଜଣେ ବଡ଼ବଡ଼ିଆ ଆସିଗଲେ ତମେ ସମସ୍ତେ ତାଙ୍କୁ ଅଭିବାଦନ ଜଣାଅ, ତାଙ୍କ ପାଦକୁ ଛୁଅଁ, ଆଉ ତାକୁ ହିଁ କୁହାଯାଏ ସମ୍ମାନ; କିନ୍ତୁ ସେଇଟା ସମ୍ମାନ ନୁହେଁ; ଭୟ ହିଁ ତମକୁ ସେ ପାଦ ଛୁଆଁଇ ଥାଏ। ତମେ ତ ଗରିବ ମଜୁରିଆର ପାଦ ଛୁଅଁ ନାହିଁ, ଛୁଅଁ କି? ତା ପ୍ରତି ତମର ଖାତିର୍ ନ ଥାଏ। କାରଣ ସେ ତମକୁ କିଛି ହେଲେ ଦେଇପାରିବ ନାହିଁ। ତେଣୁ ଆମର ଯେତେ ଶିକ୍ଷା, ସେସବୁ କେବଳ ଭୟକୁ ବଢ଼ାଇବା କିମ୍ବା ତାକୁ ଆହୁରି ବଳିଷ୍ଠ କରାଇବା ଛଡ଼ା ଅନ୍ୟ କିଛି ନୁହଁ। ଏଇଟା ଗୋଟାଏ ଅତି ଭୟଙ୍କର ଜିନିଷ, ନୁହେଁ କି? ଆଉ ଯେ ପର୍ଯ୍ୟନ୍ତ ଭୟଟା ଏମିତି ରହିଥିବ, କେମିତି ବା ଆମେ ନୂଆ ଜଗତଟିଏ ଗଢ଼ିପାରିବା? କେବେ ତ ପାରିବା ନାହିଁ। ଖାସ୍ ସେଇଥିପାଇଁ ତମେ ସବୁ ଏଇ ଛୋଟ ବୟସରୁ ଏହି ଭୟ ସମସ୍ୟାଟିକୁ ହୃଦୟଙ୍ଗମ କରିବାଟା ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ, ଆଉ ଆମେ ସବୁ ଯେପରି ଡର ଭୟ ଛାଡ଼ି ଯଥାର୍ଥ ଶିକ୍ଷା ଲାଭ କରୁ, ସେ ଦିଗରେ ଆମ ସମସ୍ତଙ୍କର ଦୃଷ୍ଟି ରହିବାଟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

*(ଆଗାମୀ ଜୀବନ)*

# କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ...

**ଷ୍ଟାଡ୍, ସାନେନ୍ :**

କେତେଜଣ ବା ପ୍ରକୃତରେ ପାହାଡ଼ ପର୍ବତ କି ଖଣ୍ଡେ ମେଘକୁ ଗ୍ଚହିଁ ଗ୍ଚହିଁ ଦେଖନ୍ତି କହ ତ ? ସେମାନେ ଖାଲି ନାଁକୁ ମାତ୍ର ଅନେଇ ଦେଇ, କିଛି ଗୋଟାଏ ଟିପ୍‌ପଣୀ କାଟି, ତାଙ୍କ ବାଟେ ବାଟେ ଗ୍ଚଲିଯାଆନ୍ତି। କଥା ଶବ୍ଦ, ଭଙ୍ଗି, ଆବେଗ ଉଚ୍ଛ୍ୱାସ –ଏ ସବୁଗୁଡ଼ାକ କିଛି ଗୋଟାଏ ଜିନିଷକୁ ଗ୍ଚହିଁ ଦେଖିବା ଦିଗରେ ବାଧା ଦେଇଥାଏ। ଗଛଟିଏ କି ଫୁଲଟିଏ ଦେଖିଲେ ଆମେ ତାକୁ ନାଆଁଟିଏ ଦେଇ, ତାହା ଅମୁକ କି ସମୁକ ବୋଲି କହିଦେଇ ସେତିକିରେ ରହିଯାଉ। ଯଦି ତମେ କୌଣସି ଖିଲାଣର ତଳବାଟେ ବା ଝରକା ଦେଇ ଖଣ୍ଡେ ଭୂଭାଗର ଦୃଶ୍ୟ ଦେଖ, ଆଉ ତା' ସାଙ୍ଗକୁ ଯଦି ତମେ ଜଣେ କଳାକାର ହେଇଥାଅ ବା କଳା ସହିତ ପରିଚିତ ଥାଅ, ତେବେ ତ ଚଟ୍‌କରି କହିଦିଅ – ଓ ! ସେଇଟା ତ ମଧ୍ୟଯୁଗୀୟ କଳା ପରି ଦିଶୁଛି। ନଚେତ୍ କୌଣସି ଆଧୁନିକ ଚିତ୍ରକରର ନାଆଁଟାକୁ କହିଦିଅ; ଯଦି ତମେ ଜଣେ ଲେଖକ ହେଇଥାଅ, ତେବେ ତାହାକୁ ବର୍ଣ୍ଣନା କରିବା ଲାଗି ସେଇ ଦୃଷ୍ଟିରେ ତାହାକୁ ଦେଖିଥାଅ; ତମେ ଯଦି ଜଣେ ସଂଗୀତଜ୍ଞ ହେଇଥାଅ, ତେବେ ତ କେବେହେଲେ ବୋଧହୁଏ ପାହାଡ଼ର ଆକାର ପ୍ରକାର ଆଡ଼କୁ ଦୃଷ୍ଟି ଦେଇ ଦେଖି ବି ନ ଥିବ; କି ତମ ପାଦ ପାଖରେ ଫୁଟିଥିବା ଫୁଲକୁ ଦେଖି ନ ଥିବ, କାରଣ ତମେ ତମର ଦୈନନ୍ଦିନ ଗଳା ସାଧନାରେ, ନଚେତ୍ ଭଲ ଗାଇବାରେ ଉଚ୍ଚାକାଂକ୍ଷା ନେଇ ଭୋଳ ରହୁଥିବ। ଯଦି ତମେ ଜଣେ ପେସାଦାର କଳାକାର ହେଇଥାଅ, ତେବେ ବୋଧହୁଏ କେବେହେଲେ ଗ୍ଚହିଁ ଦେଖିବା ଯାଏ କଥା ଯାଏ ନାହିଁ। କିନ୍ତୁ ଗ୍ଚହିଁ ଦେଖିବା ଲାଗି ଯେ ବିନୟ ଭାବର ଦରକାର ପଡ଼ିଥାଏ। ବିନୟଭାବର ମୂଳ ତତ୍ତ୍ୱ ହେଉଛି ନିରୀହତା। ସେଇ ଯେ ପର୍ବତ ଉପରେ ଅସ୍ତ ସୂର୍ଯ୍ୟର କିରଣ ବିଛେଇ ହେଇ ପଡ଼ିଛି, ଏହାକୁ ନୂତନ ଭାବରେ ଦେଖିବା ଅର୍ଥାତ୍ ଆଗରୁ କେବେ ତାକୁ ଦେଖି ନଥିବା ଦୃଷ୍ଟିରେ ଗ୍ଚହିଁବା, ଆଖିରେ ନିରୀହତାର ଦୃଷ୍ଟି ଧରି ଦେଖିବା; ସେ ଦୃଷ୍ଟିରେ କୌଣସି ପ୍ରକାର ଧାରଣା ଚିତ୍ର ନ ଥାଇ, ତାହା କୌଣସି ପ୍ରକାର ଜ୍ଞାନ ଗରିମାରେ ପ୍ରପୀଡ଼ିତ ନ ହୋଇ, ଏକବାରେ ଶୂନ୍ୟ ରହିଥିବ – ସେଭଳି ଦୃଷ୍ଟି ଢାଳି ଦେଖିବା – ଏହି ପ୍ରକାରେ ଦେଖିବାରେ ଏକ ଅତି ଅପୂର୍ବ ଅନୁଭୂତି ଲାଭ ହୋଇଥାଏ। ଅବଶ୍ୟ ଅନୁଭୂତି ଶବ୍ଦଟା ଗୋଟାଏ ଅତି କଦର୍ଯ୍ୟ ଜିନିଷ, କାରଣ ତା' ସହିତ ମିଶି ରହିଥାଏ – ଆବେଗ ଉଚ୍ଛ୍ୱାସ, ଜ୍ଞାନ ଗରିମା, ପୁଣିଥରେ ତାକୁ ଚିହ୍ନିବା – ଯାହାକି ଏକ ଧାରାବାହିକତାକୁ ବୁଝାଏ; ପୁରାପୁରି ନୂତନ ଭାବରେ ଦେଖିବାଟା ଏ ସବୁରୁ କୌଣସି ଗୋଟିଏ ବି ନୁହଁ। ତାହା ତ ଏକ ଆମୂଳଚୂଳ ନୂଆ ଜିନିଷ। ସେହି ନବୀନତାର ଦର୍ଶନ ପାଇବାକୁ ହେଲେ ତମଠାରେ ବିନୟଭାବ ବା ନମ୍ରତା ଥିବା ଦରକାର, ଯୋଉ ନମ୍ରତା କି କୌଣସି କାଳେ ଗର୍ବ ଅହଙ୍କାର ଦ୍ୱାରା ଆବିଳ ହୋଇ ନ ଥିବ। ସେଦିନ ସକାଳେ ସେଇ ଯୋଉ କଥାଟି ଘଟିଗଲା, ତାହା ଏଇ ଅସ୍ତ ସୂର୍ଯ୍ୟର କିରଣବୋଳା ପର୍ବତ ଶିଖରକୁ ଦେଖିବା ପରି ଦେଖା ଦେଇଥିଲା। ସେତେବେଳେ ନିଜର ସମୁଦାୟ ସତ୍ତା ସେଠି ଥିଲା। ତାହା ଯେ ସେଠି ଥାଇ କିଛି ଲୋଡୁଥିଲା କି କୌଣସି ସଂଘର୍ଷମୟ ଅବସ୍ଥାରେ ଥିଲା କି ତାକୁ ପସନ୍ଦ କରିବାରେ ଥିଲା, ତା' ନୁହଁ; କାରଣ ନିଜର ସମୁଦାୟ ସତ୍ତା ଏକାନ୍ତ ନିଶ୍ଚେଷ୍ଟ ଅବସ୍ଥାରେ ହିଁ ଥିଲା, ଅଥଚ ସେଇ ନିଶ୍ଚେଷ୍ଟତା ସକ୍ରିୟ ଥିଲା। ଦୁଇ ପ୍ରକାରର ମନଯୋଗିତା ଅଛି; ଗୋଟିଏ ସକ୍ରିୟ କିନ୍ତୁ ଅନ୍ୟଟିର କୌଣସି ସଞ୍ଚାଳନ ନ ଥାଏ। କିନ୍ତୁ ସେତେବେଳେ ଯାହା ସବୁ ଘଟି ଯାଉଥିଲା, ସେ ସବୁ ପ୍ରକୃତରେ ନୂଆ ଥିଲା, ଯାହାକି ଆଗରୁ କେବେହେଲେ ଦେଖାଦେଇ ନଥିଲା। ତାହାକୁ ଘଟୁଥିବାର "ଦେଖିବା"ଟା ଥିଲା ନମ୍ରତାର ବିସ୍ମୟ। ସେତେବେଳକୁ ମସ୍ତିଷ୍କ ଏକବାରେ ସ୍ଥିର ନିଶ୍ଚଳ ହେଇ ଯାଇଥିଲା, ତା' ଭିତରେ କୌଣସି ପ୍ରକାର ପ୍ରତିବେଦନ ଜାତ ନ ହୋଇ ସୁଦ୍ଧା ସେଇଟା ପୂରା ମାତ୍ରାରେ ଜାଗ୍ରତ ଥିଲା। ଅସ୍ତ ସୂର୍ଯ୍ୟର କିରଣରେ ଉଲ୍ଲସୁଥିବା ପର୍ବତ ଶିଖରକୁ "ଦେଖିବା"– ଯଦିଓ ସେ ଦୃଶ୍ୟ ହଜାର ଥର ଦେଖା ହେଇଥିବ, ଚକ୍ଷୁରେ କୌଣସି ଜ୍ଞାନ ଗରିମାର ଛାପା ପଡ଼ିବାକୁ ନ ଦେଇ ତାହାକୁ ଦେଖିବା – ଥିଲା ଅଭିନବର ଜନ୍ମକୁ ଦେଖିବା। ଏହା ଯେ ଏକ ନିର୍ବୋଧ ଭାବପ୍ରବଣତା କି ଭାବ ବିହ୍ୱଳତା ଥିଲା, ଯାହା ଭିତରେ କି ନାନା ନୃଶଂସତା ଓ ମନର ଖିଆଲ ଆଦି ମିଶି ରହିଥାଏ, ତା' ନୁହଁ କିମ୍ବା ଏହା କୌଣସି ଆବେଗ ଉଚ୍ଛ୍ୱାସର ବସ୍ତୁ ନୁହଁ, ଯହିଁରେ କି ନିବିଡ଼ ଆଗ୍ରହ ଓ ହତାଶାର ଢେଉ ଖେଳୁଥାଏ। ତାହା ଏଭଳି ଅରଖ ନୂଆ ଯେ ସେଇ ଅଖଣ୍ଡ ମନଯୋଗ ଭିତରେ ନୀରବତା ତା'ର ଆସ୍ଥାନ ମେଲି ଦେଇଛି। ସେଭଳି ଶୂନ୍ୟତା ଭିତରୁ କେବଳ ନୂତନର ସନ୍ଧାନ ମିଳିଥାଏ।

ନମ୍ରତା ଏକ ସଦ୍‌ଗୁଣ ନୁହଁ। ତାହାର ବିକାଶ ଘଟାଇ ହୁଏ ନାହିଁ। ସମ୍ମାନାସ୍ପଦ ମାନଙ୍କର ଯୋଉ ନୈତିକତା, ତା ଭିତରେ ତା'ର ସ୍ଥାନ ନ ଥାଏ। ସାଧୁସନ୍ଥମାନେ ତାକୁ ଜାଣନ୍ତି ନାହିଁ, କାରଣ ସେମାନେ ତାଙ୍କର ସାଧୁତା ପାଇଁ ବିଖ୍ୟାତ ଥାଆନ୍ତି। ଉପାସକ ମଧ୍ୟ ତାହାକୁ ଚିହ୍ନେ ନାହିଁ କାରଣ ସେ ତ କେବଳ ମାଗିବାରେ, ହାତ ପତାଇବାରେ ରହିଥାଏ। ଭକ୍ତ କି ଅନୁଗାମୀ ତାକୁ ଜାଣିପାରେ ନାହିଁ କାରଣ ସେ ତ କେବଳ ଅନୁସରଣ କରିବାରେ ଲାଗିଥାଏ। ସଞ୍ଚୟ କରିବାରେ ଲାଗିଥିଲେ – ତାହା ଧନସମ୍ପତ୍ତି ହେଉ କି ଅନୁଭୂତି ଅଭିଜ୍ଞତା ହେଉ କି ଶକ୍ତି ସାମର୍ଥ୍ୟ ହେଉ – ନମ୍ରତାକୁ ପ୍ରତ୍ୟାଖ୍ୟାନ କରାଯାଇଥାଏ। ଶିଖିବାଟା

ଏକ ମିଶ୍ରଣକାରୀ ପ୍ରକ୍ରିୟା ନୁହଁ, କିନ୍ତୁ ଜ୍ଞାନଟା ସେଇ ଧରଣର ଅଟେ। ଜ୍ଞାନ ତ ଏକ ଯନ୍ତ୍ରଚାଳିତ ଧାରା ପରି ଜିନିଷ, କିନ୍ତୁ ଶିଖିବାଟା ଆଦୌ ସେ ପ୍ରକାର ଜିନିଷ ନୁହଁ। ଜ୍ଞାନଟା ଅଧିକରୁ ଅଧିକ ହେଇପାରେ କିନ୍ତୁ ଶିଖିବାରେ ଏଇ ଅଧିକ ବୋଲି କିଛି ନ ଥାଏ। ତୁଳନା ଓ ତଉଲର କଥା ଉଠିଲେ ହିଁ ଶିଖିବା ଆଉ ହୋଇପାରେ ନାହିଁ। ଚଟ୍‌କରି ଦେଖିନେବାଟା ହେଉଛି ଶିଖିଯିବା, ଯାହା କି ସମୟର ଫାଶରେ ବନ୍ଧା ନ ଥାଏ। ଯାହା ସବୁ ସଂଗ୍ରହ କରାହେଇ ରଖା ହେଇଥାଏ ତଥା ଜ୍ଞାନ ବିଦ୍ୟା – ଏ ସବୁକୁ ମାପି ଦେଇ ହୁଏ। ନମ୍ରତାଟା ତୁଳନାତ୍ମକ ବସ୍ତୁ ନୁହଁ; ବେଶୀ ନମ୍ରତା କି କମ୍ ନମ୍ରତା ବୋଲି କିଛି ନାହିଁ। ତେଣୁ ତାହାକୁ କେବେ ବଢ଼ାଇ ଆଣି ହୁଏ ନାହିଁ। ନୈତିକତା ହେଉ କି କାରିଗରୀ ବିଦ୍ୟା ହେଉ, ତା'ର ଅନୁଶୀଳନ କରାଇ ହୁଏ, ତହିଁରେ ବେଶୀ, କମ୍ ମାତ୍ରା ହେଇପାରେ; କିନ୍ତୁ ନମ୍ରତାଟା ମସ୍ତିଷ୍କର ସାମର୍ଥ୍ୟ ଭିତରେ ନ ଥାଏ – ଯେମିତି ପ୍ରେମ ମସ୍ତିଷ୍କର ସାମର୍ଥ୍ୟ ଭିତରେ ନ ଥାଏ – ସେହିପରି। ନମ୍ରତାଟା କାଳେ କାଳେ ବିନାଶ ଘଟିବାର ପରିଣାମ ରୂପେ ଫୁଟିଥାଏ।

ଆଜି ବଡ଼ି ଭୋର୍‌ର ଆଗରୁ, ପାହାନ୍ତା ହେବାର ଅନେକ ଘଣ୍ଟା ଆଗରୁ ଯେତେବେଳେ ନିଦ ଭାଙ୍ଗିଗଲା, ସେ ସମୟରେ ସେଇ ପ୍ରଚଣ୍ଡ ଶକ୍ତି ଅତି ମର୍ମଭେଦୀ ଭାବରେ ଭିତରକୁ ଭେଦ କରିବାରେ ଲାଗିଥିଲା। ତାର ସେଇ କଠୋରତା ଭିତରେ ନିର୍ମଳ ଆନନ୍ଦ ଝରୁଥିଲା। ଯୋଉତକ ସମୟ ତାହା "ରହିଲା"– ଘଣ୍ଟା କଣ୍ଟାରେ ପୂରା ପଇଁଚାଳିଶ ମିନିଟ କାଳ – ତା ସହିତ ତାର ପ୍ରଖରତା ମଧ୍ୟ ବଢ଼ି ବଢ଼ି ଚାଲିଥିଲା। ସେଇ ଝରଣା, ରାତିର ନିସ୍ତବ୍‌ଧତା, ଆକାଶର ଜକଜକ ତାରା – ଏସବୁ ସେଇଥିରେ ଲୀନ ହେଇ ଯାଇଥିଲା।

*ଅଗଷ୍ଟ ୩୦, ୧୯୬୧*

# ସ୍ମୃତିରୁ କିଛି...

ଏମିତି ହଉ ହଉ ଗଛ ଉପରୁ ସୂର୍ଯ୍ୟ ଉଠି ଆସିଲେ, ଆଉ ନଦୀଟା ରୂପେଲି ଓ ସୁନେଲି ରଙ୍ଗ ପାଲଟି ଗଲା।

ସେଇଠୁ ଚଢ଼େଇମାନେ ତାଙ୍କ ଗୀତ ଆରମ୍ଭ କରିଦେଲେ, ଆଉ ସାରା ଗାଁଟା ଚେଇଁ ଉଠିଲା। ଠିକ୍ ସେତିକି ବେଳେ ହଠାତ୍ ଝରକାର ବନ୍ଧ ଉପରେ ଆସି ବସି ପଡ଼ିଲା ପାଉଁସିଆ ରଙ୍ଗର ଗୋଟାଏ ବିରାଟ ମାଙ୍କଡ଼ – ମୁହଁଟା କଳା, କପାଳରେ ବହଳ ଲୁମ, ଆଉ ହାତ ଦୁଇଟା କଳା। ତାର ଲମ୍ବା ଲାଙ୍ଗୁଡ଼ଟା ଝରକାରୁ ଘର ଭିତରକୁ ଝୁଲୁଥିଲା। ଖୁବ୍ ଚୁପ୍‌ଚାପ୍ ହେଇ ସେଠି ସେ ବସି ରହିଥିଲା, ଏକବାରେ ନିଶ୍ଚଳ ହେଇ ବସିଥିଲା କହିଲେ ଚଳେ। ଆଉ ସେଇଠି ଥାଇ ଏତେ ଟିକିଏ ବି ହଲ୍‌ଚଲ୍ ନ ହେଇ ସେ ଆମ ଆଡ଼େ ଅନେଇ ରହିଥିଲା। ଆମେ ଖୁବ୍ ପାଖାପାଖି ହେଇ ରହିଥିଲୁ। ଅଳ୍ପ କେଇ ହାତ ମାତ୍ର ବ୍ୟବଧାନ ଆମ ଦିହିଙ୍କ ମଝିରେ ଥିଲା। ଭୁସ୍ କରି ସେ ତାର ହାତଟାକୁ ବଢ଼େଇ ଦେଲା। ଆମେ କିଛି ସମୟ ପାଇଁ ପରସ୍ପରର ହାତ ଧରାଧରି ହେଇ ବସି ରହିଲୁ। ହାତଟା ତାର ଟାଆଁସା, କଳା ଆଉ ଧୂଳିଆ ଲାଗୁଥିଲା, କାରଣ ସେ ଝରକାର ପାରାପେଟ୍‌କୁ ଧରି ଛାତ ଉପରକୁ ଚଢ଼ାଚଢ଼ି କରିଥିଲା, ତା ପରେ ତଳକୁ ଓହ୍ଲାଇ ଆସି ସେଇଠି ବସି ରହିଥିଲା। ସେ ବେଶ୍ ନିଶ୍ଚିନ୍ତ ମନେ ହେଉଥିଲା। ଆଉ, ସବୁଠୁ ବଳି ଆଶ୍ଚର୍ଯ୍ୟର କଥା ଯେ ଅତି ଅସମ୍ଭବ ଭାବରେ ଖୁସ୍ ମିଜାଜୀ ଥିଲା। ଡର ଭୟ କିଛି ହେଲେ ତା ଠାରେ ଥିବାପରି ମନେ ହେଉ ନ ଥିଲା; କି ସେ ଅସ୍ୱସ୍ତିକର ବୋଧକଲା ଭଳି ବି ମନେ ହେଉ ନ ଥିଲା। ସତେ କି ସେ ତାର ଆପଣା ପରିବେଶ ମଧ୍ୟରେ ରହିଛି – ସେମିତି ଲାଗୁଥିଲା। ଏ ପଟେ ସେ, ଆଉ ସେ ପଟେ ନଦୀର ଆଉଟା ସୁନା ପରି ଝଲମଲ ରୂପ; ତା ସେ ପଟକୁ ସବୁଜ ନଦୀ ତୀର, ପୁଣି ଦୂରରେ ସେ ଗଛଗୁଡ଼ାକ। ଆମେ ଦିହେଁ ବେଶ୍ କିଛି ସମୟ ପାଇଁ ପରସ୍ପରର ହାତ ଧରି ରହିଥିଲୁ। ତା' ପରେ ବେଶ୍ ମାମୁଲି ଢଙ୍ଗରେ ସେ ତା' ହାତଟା କାଢ଼ିନେଲା ଅଥଚ ସେମିତି ସେଇଠି ବସି ରହିଥାଏ। ପରସ୍ପରକୁ ଆମେ ଖାଲି ଅନେଇ ରହିଥାଉ। ତାର ସେ କଳା କଳା ଛୋଟ ଛୋଟ ଆଖି ଯୋଡ଼ିକ ଖାଲି ଚିକ୍ ଚିକ୍ କରୁଥିଲା। ଗୋଟାଏ ବିଚିତ୍ର କୌତୂହଳ ସେ ଆଖିରେ ପୂରି ରହିଥିଲା। ବଖରା ଭିତରକୁ ପଶି ଆସିବାକୁ ସେ ଖୋଜୁଥିଲା କିନ୍ତୁ କେଜାଣି କାହିଁକି ପୁଣି ଟିକିଏ ଥଙ୍ଗ ଥଙ୍ଗ ହେଲା। ସେଠୁ ହାତଗୋଡ଼ ଲମ୍ବେଇ ପାରାପେଟ୍ ଧରି ଛାତ ଉପରକୁ ଚଢ଼ିଯାଇ ସେ ପଳେଇଗଲା। ସନ୍ଧ୍ୟାବେଳେ ସେ ପୁଣି ଗଛ ଉପରେ ଦେଖାଦେଲା। ଖୁବ୍ ଅଗରେ ଚଢ଼ି କ'ଣ ଗୋଟାଏ ଖାଉଥିଲା। ଆମେ ତାକୁ ହାତ ହଲେଇଲୁ କିନ୍ତୁ ତା' ଆଡୁ କୌଣସି ଜବାବ ମିଳିଲା ନାହିଁ।

– ଏକ ହିଁ ବିପ୍ଳବ,

ଯଦି ଆମେ କୌଣସି କଥାକୁ ନିନ୍ଦା କରିବାରେ ଲାଗୁ, ତେବେ କଣ ସେଇଟାକୁ ଆଉ ବୁଝି ହୁଏ? କୌଣସି କଥାକୁ ଦୂରେଇ ଦେବା, କି ମାନିନେଇ ବସିପଡ଼ିବାଟା ତ ସହଜ କିନ୍ତୁ ତାକୁ ସେପରି ନିନ୍ଦା କି ସମର୍ଥନ ଜଣାଇବା ଦ୍ୱାରା ତାହାକୁ ଏଡ଼ାଇ ଦେବା ବୁଝାଏ। କୌଣସି ପିଲାକୁ ନିନ୍ଦିବାଟା ହେଉଛି ତାକୁ ତମଠୁ ଦୂରେଇ ଦେବା– ଯେପରି କି ସେ ଆଉ ତମକୁ ହଇରାଣ କରିବ ନାହିଁ। କିନ୍ତୁ ସେ ପିଲା ତ ସେମିତି ପୂର୍ବ ପରି ହେଇ ରହିଥାଏ। ନିନ୍ଦା କରିବାଟା ହେଉଛି ତାକୁ ବେଖାତିର କରିବା, ତା ପ୍ରତି ମନ ଧ୍ୟାନ ନ ଦେବା; ତା ଛଡ଼ା ଏମିତି ନିନ୍ଦା କରିବା ଦ୍ୱାରା ହୃଦୟଙ୍ଗମତା ରହିପାରେ ନାହିଁ। *–ଜୀବନ ଚର୍ଚ୍ଚା - ୧/ପୃ:- ୪୭୮*




## ଏହି ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ପୁସ୍ତକ

## ଆଗାମୀ ଜୀବନ

### (ପୁସ୍ତକରୁ ପଦେ)

ନଦୀଟିଏ ଭଳି ଏ ଜୀବନ କେଡ଼େ ଚଞ୍ଚଳ ଗତିରେ କେଡ଼େ ଖୁସିରେ ଗଡ଼ି ଚାଲିଛି, ମୁହୂର୍ତ୍ତକ ପାଇଁ ବି କୋଉଠି ହେଲେ ସ୍ଥିର ରହୁ ନାହିଁ। ସେହି ଜୀବନକୁ ତମେ ଯେତେବେଳେ ସ୍ମୃତିର ବୋଝ ଧରି ଭେଟିବାକୁ ଯାଅ, ସେଥିରେ ଜୀବନ ସହିତ ତମର ସଂପର୍କ ନ ରହିବା ତ ସ୍ୱାଭାବିକ; କାରଣ ତମେ ନିଜର ଜ୍ଞାନ, ଅନୁଭୂତିକୁ ପାଥେୟ କରି ଜୀବନର ସମ୍ମୁଖୀନ ହେଇଥାଅ– ଯାହା କି ସ୍ମୃତିର ବୋଝକୁ ଆହୁରି ବେଶୀ ବେଶୀ ବଢ଼ାଇ ଥାଏ। ଏହି ପ୍ରକାରେ ଜୀବନରେ ଜ୍ଞାନ ଓ ଅନୁଭୂତି ଧୀରେ ଧୀରେ ବିନାଶର ହେତୁ ହୋଇଥାଏ।

ପୃଷ୍ଠା – ୩୨୬, ମୁଦ୍ରଣ – ୩ୟ, ମୂଲ୍ୟ – ୪୫.୦୦

## What is New Year...

KRISHNAMURTI: "I wonder what we mean by a new year. New. Is it a fresh year, a year that is totally afresh, something that has never happened before? When we say something new, though we know there is nothing new under the sun, when we talk about a new and a happy year, is it really a new year for us? Or is it the same old pattern repeated over and over and over again? Same old rituals, same old traditions, same old habits, a continuity of what we have been doing, still are doing, and will do the same thing this year.

So, is there anything new? Is there anything that is really afresh, something that you have never seen before? I think this is rather an important question, if you will follow it - to turn all the days of our life into something which you have never seen before. That means a brain that has freed itself from its conditioning, from its characteristics, from its idiosyncrasies and the opinions and the judgements and the convictions. Can we put all that aside and really start a new year? It would be marvellous if we could do that. Because our lives are rather shallow, superficial, and have very little meaning. We are born, whether we like it or not we are born, educated - which may be a hindrance too. And change the whole direction of our lives - is that possible? Or we are condemned forever to lead rather narrow, shoddy, rather meaningless lives. We fill our brains and our lives with something which thought has put together. This is not a sermon. Probably in all the churches of the world, New Year will be - and in the temples and all the rest of it - they will continue the same old way, the same old rituals, puja Sandhya Vandanam (Sanskrit word meaning evening prayers) and so on and so on and so on. Can we drop all that and start anew with a clean slate and see what comes out of that, without hearts and minds."

**– J. Krishnamurti**

First Public Question & Answer Meeting
Madras, January 1985

## ନିବେଦନ

ପ୍ରିୟ ପାଠକ/ପାଠିକା,

ପତ୍ରିକା 'ଜୀବନ କଥା' (ବାର୍ଷିକ ୩ ଗୋଟି) ଆପଣଙ୍କୁ କେମିତି ଲାଗୁଛି, ଏହା ଆପଣଙ୍କ ଆବଶ୍ୟକତାରେ ସହାୟକ ହୋଇ ପାରୁଛି ନା ନାହିଁ? ଏଥିପାଇଁ ଆପଣଙ୍କ ସୁଚିନ୍ତିତ ମତାମତ ଏକାନ୍ତ ଅପରିହାର୍ଯ୍ୟ। ଆମର ଫୋନ୍ ନମ୍ବର:- ୦୬୭୧-୨୫୨୬୬୨୨।

ଏଣୁ ଦୟାକରି, ପୋଷ୍ଟକାର୍ଡ଼ରେ ଆପଣଙ୍କ ଡାକ ଠିକଣା (ଯଦି ବଦଳି ଥାଏ), ଫୋନ୍ ନମ୍ବର, ଇମେଲ ଠିକଣା ଆମ ପାଖକୁ ପଠାଇବାକୁ ଅନୁରୋଧ।

*ସଂପାଦିକା,* 'ଜୀବନ କଥା'

*"Is there any area of the mind which is really free from the known? Is there any part of the brain which is not cultivated by thought? If we do not find it, then we will always live in the field of the known, from which thought arises, which is matter."*

Sannen 21st July, 1974

**– J Krishnamurti**

*Published in January, May & September* Odia Periodical

*If undelivered, please return to:*

Cuttack Centre Krishnamurti Foundation India,
Purighat Road, Upper Telenga Bazar,
Cuttack-753 009. Orissa (INDIA)
Tel: (0671) 6417990, e-mail: jibanakatha@gmail.com

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik